## ନବଘୋଷିତ ଷଡବିଧି ଓ ସୂଚନା ଅଧିକାର ଆଇନ୍

ପାଠକେ ଜାଣିଥିବେ, ୧୨ ଅକ୍ଟୋବର ୨୦୦୫ରେ ସୂଚନା ଅଧିକାର ଆଇନ-୨୦୦୫ ସଂପୂର୍ଣ୍ଣ ରୂପେ ଲାଗୁ ହେବା ପରେ ଭାରତର ସଂସଦ ଆହୁରି କେତେକ ଲୋକାଭିମୁଖୀ ଆଇନ୍ ପ୍ରବର୍ତ୍ତନ କରିଛନ୍ତି, ଯେଉଁଗୁଡିକ କି ବିଧିମତେ ସରକାରୀ ଗେଜେଟ୍‌ରେ ବିଜ୍ଞାପିତ ହୋଇ ସାରା ଦେଶ ପାଇଁ ଲାଗୁ ହୋଇସାରିଛି । ଉଲ୍ଲେଖଯୋଗ୍ୟ ଯେ, ଏହି ନବଘୋଷିତ ପ୍ରତ୍ୟେକ ବିଧାନରେ ସର୍ବସାଧାରଣଙ୍କୁ ସଂପର୍କୀତ ବିଷୟରେ ସୂଚନା ପ୍ରଦାନ ପାଇଁ ଉପଯୁକ୍ତ ଓ ବଳିଷ୍ଠ ପ୍ରାବ୍‌ଧାନମାନ ବେଶ୍ ନିଖୁଣ ଭାବେ ଅଙ୍ଗୀଭୂତ ହୋଇଛି, ଯେଉଁଥିପାଇଁ କି ସେହିଭଳି ଏକ ଆଇନ୍‌ର ବିଷୟବସ୍ତୁ ସଂପର୍କୀତ କୌଣସି ସୂଚନା ପାଇବା ପାଇଁ ସୂଚନା ଅଧିକାର ଆଇନ୍‌କୁ ପ୍ରୟୋଗ କରିବା ଆଦୌ ଜରୁରୀ ନୁହେଁ । କିନ୍ତୁ ଲକ୍ଷ୍ୟ କରାଯାଉଛି ଯେ, ସଂପୃକ୍ତ ବିଭାଗୀୟ ସରକାରୀ ଅଧିକାରୀମାନଙ୍କର ସ୍ୱଚ୍ଛତାପ୍ରୀତିର ଅଭାବ ଓ ଏକ ନୂଆ ଆଇନ୍‌କୁ କାର୍ଯ୍ୟକାରୀ କରିବାରେ ଉତ୍ସାହ ଓ ତତ୍ପରତାର ଅଭାବ ଯୋଗୁଁ ସେମାନେ ଲୋକଙ୍କୁ ଏହି ନୂଆ ଆଇନ୍‌ଗୁଡିକର ପରିସରଭୁକ୍ତ ବିଷୟଗୁଡିକ ସଂପର୍କରେ ସୂଚନା ପ୍ରଦାନ ପାଇଁ ସୂଚନା ଅଧିକାର ଆଇନ୍‌ର ଧାରା ୬(୧) ଅଧୀନରେ ଦରଖାସ୍ତ କରିବା, ଫିସ୍ ଦାଖଲ କରିବା ତଥା ୩୦ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବା ଭଳି ଜଟିଳ, ଖର୍ଚ୍ଚବହୁଳ ଓ ସମୟସାପେକ୍ଷ ପ୍ରକ୍ରିୟା ଅବଲମ୍ବନ କରିବା ସକାଶେ ବାଧ୍ୟ କରୁଛନ୍ତି, ଯାହାକି ସଂପୂର୍ଣ୍ଣ ରୂପେ ଆଇନ୍-ପରିପନ୍ଥୀ ଅଟେ । ପରିଲକ୍ଷିତ ହେଉଥିବା ଏହି ସମସ୍ୟାର ଏକ ମୁକ୍ତ ଆଲୋଚନା   ଏହି କ୍ଷୁଦ୍ର ପ୍ରବନ୍ଧର ମୂଳ ଉଦ୍ଦେଶ୍ୟ ।

## ଷଡବିଧି କ'ଣ ?

**୧- ସୂଚନା ଅଧିକାର ଆଇନ୍-୨୦୦୫,** ଯାହାକି ୧୫ଜୁନ୍ ୨୦୦୫ରେ ଆଂଶିକ ଲାଗୁ ହୋଇ ୧୨ ଅକ୍ଟୋବର, ୨୦୦୫ରେ ସଂପୂର୍ଣ୍ଣ ରୂପେ ଲାଗୁ ହୋଇସାରିଛି । ଏହି ଆଇନ୍ ଶାସନର ତଳୁଉପର ଯାଏଁ ସମସ୍ତ ମୌଳିକ ଅଂଗ, ଯଥା-ବିଧାୟିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ପ୍ରତି ପ୍ରଯୁଜ୍ୟ ।

**୨- ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍, ୨୦୦୫,** ଯାହାକି ୫ ସେପ୍ଟେମ୍ବର ୨୦୦୫ରେ ପ୍ରବର୍ତ୍ତୀତ ହୋଇ ୨ ଫେବୃଆରି ୨୦୦୬ଠାରୁ ଦେଶର ବିଭିନ୍ନ ପ୍ରଦେଶରେ କାର୍ଯ୍ୟକାରୀ ହୋଇଆସୁଛି ।

**୩- ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍,୨୦୦୫,** ଯାହାକି ୧୩ ସେପ୍ଟେମ୍ବର ୨୦୦୫ରେ ରାଷ୍ଟ୍ରପତିଙ୍କ ସ୍ୱୀକୃତିଲାଭ କଲାପରେ ଏହାର ନିୟମାବଳୀ ସହ ୧୭ ଅକ୍ଟୋବର ୨୦୦୬ ଗେଜେଟ୍‌ରେ ପ୍ରକାଶ ପାଇବା ଠାରୁ କାର୍ଯ୍ୟକାରୀ ହୋଇଆସୁଛି ।

**୪- ପରିବେଶ ପ୍ରଭାବ ସମୀକ୍ଷା ବିଜ୍ଞପ୍ତି, ୨୦୦୬,** ଯାହାକି କେନ୍ଦ୍ରୀୟ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଏକ ବିଜ୍ଞପ୍ତି ରୂପେ ୧୪ ସେପ୍ଟେମ୍ବର ୨୦୦୬ରୁ ଲାଗୁ ହୋଇଛି ।

**୫- ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀଙ୍କ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଆଇନ୍, ୨୦୦୬,** ଯାହାକି ୨୯ ଡିସେମ୍ବର ୨୦୦୬ରୁ ସଂପୂର୍ଣ୍ଣ ରୂପେ ଲାଗୁ ହୋଇସାରିଛି ।

**୬- ଜାତୀୟ ପୁନଃସଂସ୍ଥାନ ଓ ପୁନର୍ବାସ ନୀତି ୨୦୦୭,** ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ହୋଇ କେନ୍ଦ୍ରୀୟ ଗେଜେଟ୍‌ରେ ୩୧ ଅକ୍ଟୋବର ୨୦୦୭ ରେ ବିଜ୍ଞାପିତ ହୋଇସାରିଛି ।

## ନବଘୋଷିତ ଆଇନ୍‌ସମୂହରେ ସୂଚନା ଅଧିକାର

ଷଡବିଧିର ତାଲିକାକୁ ଲକ୍ଷ୍ୟକଲେ ସହଜରେ ଜାଣି ହେବ ଯେ, ସୂଚନା ଅଧିକାର ଆଇନ୍-୨୦୦୫ର ପ୍ରବର୍ତ୍ତନ (୧୫ଜୁନ୍, ୨୦୦୫) ପରେ ବାକୀ ୫ଟି ଆଇନ୍ ପ୍ରବର୍ତ୍ତୀତ ଏବଂ କାର୍ଯ୍ୟକାରୀ ହୋଇଛି । ସୁତରାଂ ଏହା ସହଜେ ଅନୁମେୟ ଯେ, ସୂଚନା ଅଧିକାର ଆଇନ୍‌ର ମୂଳ ବୈଶିଷ୍ଟ୍ୟ (ଜନ କର୍ତ୍ତୃପକ୍ଷମାନଙ୍କ ନିୟନ୍ତ୍ରଣରେ ଥିବା ସୂଚନାବଳୀକୁ ସର୍ବସାଧାରଣଙ୍କ ସମ୍ମୁଖରେ ସ୍ୱଚ୍ଛ ରଖିବା) ଏହିସବୁ ଆଇନ୍‌ର ପ୍ରାବ୍‌ଧାନଗୁଡିକ ଭିତରେ କୌଣସି ନା କୌଣସି ପ୍ରକାରେ ଅଙ୍ଗୀଭୂତ ହୋଇଥିବ ଏବଂ ସେହି କାରଣରୁ ସେହିସବୁ ଆଇନ୍‌ର ବିଷୟବସ୍ତୁ ସହ ସଂପର୍କୀତ ସୂଚନା ପାଇବା ପାଇଁ ଆମକୁ ଆଉ ଖାସ୍ କରି ସୂଚନା ଅଧିକାର ଆଇନ୍.୨୦୦୫ ଅଧିନରେ ବିହିତ ପଦ୍ଧତି, ଯାହାକି ସ୍ଥଳ ବିଶେଷରେ ଜଟିଳ, ଅର୍ଥବହୁଳ ଓ ସମୟସାପେକ୍ଷ ହୋଇପାରେ, ତାକୁ ଅବଲମ୍ବନ କରିବାକୁ ପଡିବନି । ବର୍ତ୍ତମାନ ଆମେ ଗୋଟିଗୋଟି କରି ଏହିସବୁ ଆଇନ୍‌ର ସେହି ପ୍ରାବ୍‌ଧାନଗୁଡିକୁ ଦୃଷ୍ଟିପାତ କରିବା, ଯେଉଁଥିରେ ସର୍ବସାଧାରଣଙ୍କୁ ସଂଶ୍ଳିଷ୍ଟ ସୂଚନା ପ୍ରଦାନ ପାଇଁ ସହଜ ଓ ବଳିଷ୍ଠ ବ୍ୟବସ୍ଥାମାନ ସ୍ଥାନିତ ହୋଇଛି ।

## ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍, ୨୦୦୫ (ଏନ୍.ଆର୍.ଇ.ଜି.ଏ.)

ଏହାର ଅନୁସୂଚୀ-୧ର ବିନ୍ଦୁ ୧୪, ୧୫ ଓ ୧୬ରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ (ଓଡିଶାରେ ଜିଲ୍ଲାପାଳ)ଙ୍କ ବିବରଣୀ ତଥା ପ୍ରତିସ୍ତରରେ ଏହି କାର୍ଯ୍ୟକ୍ରମ ସଂପର୍କୀତ ସମସ୍ତ ହିସାବ ଓ କାଗଜପତ୍ରର ନିରୀକ୍ଷଣ ଓ ପ୍ରତିଲିପି ସଂଗ୍ରହ ପାଇଁ ସର୍ବସାଧାରଣଙ୍କୁ ଅଧିକାର ଦିଆଯାଇଛି । ଏହି ଆଇନ୍‌ର ସଫଳ କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ରୀୟ ଗ୍ରାମାଞ୍ଚଳ ମନ୍ତ୍ରଣାଳୟ ଦ୍ୱାରା ଏକ ମାର୍ଗଦର୍ଶୀକା ପ୍ରକାଶ ପାଇଛି, ଯେଉଁଥିରେ କୁହାଯାଇଛି ଯେ, ଏହି ଆଇନ୍ ଅଧିନସ୍ଥ ପ୍ରତି କାର୍ଯ୍ୟକ୍ରମର କାଗଜପତ୍ର ସର୍ବସାଧାରଣ ଦଲିଲ୍‌ର ପର୍ଯ୍ୟାୟଭୁକ୍ତ ଓ ସେହି କାରଣରୁ କୌଣସି ଆଳରେ ସେଗୁଡିକୁ ଗୋପନୀୟ ରଖାଯିବ ନାହିଁ ତଥା ଯେମିତି ହେଲେ ଏ ପ୍ରକାର ସୂଚନା ପାଇଁ ଏକ ଆବେଦନକୁ ସର୍ବାଧିକ ୭ଦିନ ଭିତରେ ପୂରଣ କରିବାକୁ ପଡିବ (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୧୦.୧.୨) , ଏବଂ ଏପ୍ରକାର ସୂଚନା ପ୍ରଦାନ ବାବଦକୁ ଜେରକ୍ସ ମୂଲ୍ୟ ଠାରୁ ଅଧିକ ଫିସ୍ ଦାବୀ କରାଯାଇ ପାରିବନି  (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୧୦.୧.୫) ।

## ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍,୨୦୦୫

ଏହି କେନ୍ଦ୍ରୀୟ ଆଇନ୍‌ର ଧାରା ୮ ଅନୁଯାୟୀ ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ବିଜ୍ଞପ୍ତି ସଂଖ୍ୟା ୭୬୨୧ ତା ୨୦ ମାର୍ଚ୍ଚ ୨୦୦୭ ବଳରେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀମାନଙ୍କୁ ସୁରକ୍ଷା ଅଧିକାରୀ ଭାବେ ନିଯୁକ୍ତ କରିଛନ୍ତି ତଥା ଧାରା ୧୦(୧) ଅନୁଯାୟୀ ବିଜ୍ଞପ୍ତି ତା ୧୫ ମେ ୨୦୦୭ ବଳରେ ପ୍ରତି ଜିଲ୍ଲା ପାଇଁ ସେବା ପ୍ରବନ୍ଧକ ସଂସ୍ଥା ଓ ପରାମର୍ଶଦାତାଙ୍କ ତାଲିକା ଘୋଷଣା କରିଛନ୍ତି । ଏହି ଆଇନ୍‌ର ଧାରା ୫ ଅନୁଯାୟୀ ସଂପୃକ୍ତ ପୋଲିସ୍ ଅଧିକାରୀ , ସୁରକ୍ଷା ଅଧିକାରୀ, ସେବା ପ୍ରବନ୍ଧକ ଅଥବା ମାଜିଷ୍ଟ୍ରେଟ୍ ବ୍ୟଥିତ ବ୍ୟକ୍ତିଙ୍କୁ ତାଙ୍କର ଅଧିକାର ସଂବନ୍ଧରେ ନିଜ ତରଫରୁ ପର୍ଯ୍ୟାପ୍ତ ସୂଚନା ପ୍ରଦାନ କରିବେ ଏବଂ ଧାରା ୯(୧ଡି) ଅନୁଯାୟୀ ସଂପୃକ୍ତ ସୁରକ୍ଷା ଅଧିକାରୀ ବ୍ୟଥିତ ବ୍ୟକ୍ତିଙ୍କୁ ଅଭିଯୋଗ ଫର୍ମ ମାଗଣାରେ ଯୋଗାଇଦେବେ । ପୁଣି ଧାରା ୨୪ ଅଧିନରେ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ପ୍ରତି ଆଦେଶର ନକଲକୁ ମାମଲାର ପକ୍ଷମାନଙ୍କୁ ମାଗଣାରେ ଯୋଗାଇ ଦେବାର ବ୍ୟବସ୍ଥା ସ୍ଥାନିତ ହୋଇଛି ।

## ପାରିପାର୍ଶ୍ୱିକ ପ୍ରଭାବ ଅନୁଧ୍ୟାନ ବିଜ୍ଞପ୍ତି, ୨୦୦୬

ପାରିପାର୍ଶ୍ୱିକ ପଭାବ ଅନୁଧ୍ୟାନ ବିଜ୍ଞପ୍ତି ୧୯୯୪ ବଦଳରେ ଗତ ୧୪ ସେପ୍ଟେମ୍ବର ୨୦୦୬ରେ ଜାରି ହୋଇଥିବା ବିଜ୍ଞପ୍ତି-୨୦୦୬ ବର୍ତ୍ତମାନ ସାରାଦେଶରେ ବଳବତ୍ତର ରହିଛି । ଏହାର ଅନୁଚ୍ଛେଦ-୭ ଅଧୀନସ୍ଥ ପର୍ଯ୍ୟାୟ-୩ରେ ଗୋଟିଏ ପ୍ରସ୍ତାବିତ ପ୍ରକଳ୍ପର ପାରିପାର୍ଶ୍ୱିକ ପ୍ରଭାବର ଅନୁଧ୍ୟାନକୁ ଅଧିକ ଫଳପ୍ରଦ କରିବା ଉଦ୍ଦେଶ୍ୟରେ ସର୍ବସାଧାରଣଙ୍କ ସହ ଏକ ବିସ୍ତୃତ ଏବଂ ମୁକ୍ତ ପରାମର୍ଶ ପ୍ରକ୍ରିୟାର ଅବତାରଣା କରାଯାଇଛି । ପ୍ରକଳ୍ପ ସ୍ଥାନରେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଜନଶୁଣାଣିର ଆୟୋଜନ ସହିତ ବାହାରର ଯେ କୌଣସି ବ୍ୟକ୍ତିଙ୍କ ଠାରୁ ଲିଖିତ ମତାମତ ଓ ଆପତ୍ତି ଗ୍ରହଣ ପାଇଁ ଏହି ପରାମର୍ଶ ପ୍ରକ୍ରିୟାରେ ବ୍ୟାପକ ସୁଯୋଗ ରହିଛି । ପୁଣି ପରାମର୍ଶ ପ୍ରକ୍ରିୟାକୁ ସ୍ୱଚ୍ଛ ରଖିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ସଂପୃକ୍ତ ଜିଲ୍ଲାପାଳ ପ୍ରସ୍ତାବିତ ପ୍ରକଳ୍ପ ଉପରେ ପ୍ରସ୍ତୁତ ପାରିପାର୍ଶ୍ୱିକ ପ୍ରଭାବ ଅନୁଧ୍ୟାନ ବିବରଣୀକୁ ୱେବ୍‌ସାଇଟ୍‌ରେ ସ୍ଥାନିତ କରିବା ସହ ତହିଁର ସାରାଂଶର ନକଲକୁ ସଂପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ପ୍ରେରଣ କରିବେ ଓ ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ଯୋଗାଇଦେବେ ତଥା ତା' ଉପରେ ସର୍ବସାଧାରଣଙ୍କ ମତାମତ ଆହ୍ୱାନ୍ କରିବେ । ପୁଣି ଯଦି କୌଣସି ପ୍ରକଳ୍ପକୁ ପରିବେଶୀୟ ମଞ୍ଜୁରି ମିଳେ, ତେବେ ଉକ୍ତ ମଞ୍ଜୁରିର ସର୍ତ୍ତାବଳୀକୁ ସଂପୃକ୍ତ ପ୍ରକଳ୍ପ କର୍ତ୍ତୃପକ୍ଷ ଅନୁପାଳନ କରୁଛନ୍ତି କି ନା, ସେ ବିଷୟରେ ସେ ପ୍ରତି ଛ ମାସରେ ଦେଉଥିବା ଅନୁପାଳନ ବିବରଣୀକୁ ସଂପୃକ୍ତ ପ୍ରଶାସନିକ କର୍ତ୍ତୃପକ୍ଷ ୱେବ୍‌ସାଇଟ୍‌ରେ ସ୍ଥାନିତ କରିବେ ତଥା କୌଣସି ବ୍ୟକ୍ତି ଚାହିଁଲେ ତାଙ୍କୁ ଏହାର ନକଲ ପ୍ରଦାନ କରିବେ ।

## ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀଙ୍କ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଆଇନ୍, ୨୦୦୬

ଏହି କେନ୍ଦ୍ରୀୟ ଆଇନ୍ ପ୍ରବର୍ତ୍ତୀତ ହୋଇସାରିଥିଲେ ହେଁ ଆଦିବାସୀ ମନ୍ତ୍ରଣାଳୟ ଏହାର ଚିଠା-ନିୟମାବଳୀକୁ ଏପର୍ଯ୍ୟନ୍ତ ଚୂଡାନ୍ତ କରିପାରିନାହାନ୍ତି । ଏହି ଆଇନ୍‌ର ଧାରା ୬ ଅନୁଯାୟୀ ଗ୍ରାମସଭା ହିଁ ଜଙ୍ଗଲ ଜମି ଉପରେ ବ୍ୟକ୍ତିଗତ ବା ଯୌଥ ସତ୍ତ୍ୱାଧିକାରକୁ ଚିହ୍ନଟ କରିବେ ଏବଂ ଏଥିସକାଶେ ଆବଶ୍ୟକୀୟ ମାନଚିତ୍ର ଓ ନକ୍ସା ପ୍ରସ୍ତୁତ କରିବେ । ଏହି ଆଇନ୍ ସଂପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେଲେ ସଂପୃକ୍ତ ଗ୍ରାମର ବାସିନ୍ଦାମାନେ ନିଜର କିମ୍ବା ସମୂହ ଜମିଜମାର ସୂଚନାସବୁକୁ ସେମାନଙ୍କ ଗ୍ରାମସଭା ନିକଟରୁ ପାଇପାରିବେ ଓ ସେମାନଙ୍କୁ ବର୍ତ୍ତମାନ ଭଳି ଦୂରଦୂରାନ୍ତ ସ୍ଥାନରେ ଥିବା ରାଜସ୍ୱ ନିରୀକ୍ଷକ ବା ତହସିଲ୍‌ଦାରଙ୍କ କାର୍ଯ୍ୟାଳୟକୁ ଦଉଡିବାକୁ ପଡିବନି ।

## ଜାତୀୟ ପୁନଃସଂସ୍ଥାନ ଓ ପୁନର୍ବାସ ନୀତି ୨୦୦୭

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରକଳ୍ପ ପାଇଁ ଜମିଅଧିଗ୍ରହଣ କରିବା ଏବଂ ତା' ଫଳରେ ବିସ୍ଥାପିତ ହେଉଥିବା ପରିବାରମାନଙ୍କୁ କ୍ଷତିପୂରଣ ସମେତ ପୁନର୍ବାସ ଓ ପୁନଃସଂସ୍ଥାନ କରିବା ସମ୍ବନ୍ଧରେ ଏହି ନୀତି ବିଶଦ୍ ପ୍ରାବ୍‌ଧାନମାନ ଘୋଷଣା କରିଛି । ଏହାର ଅନୁଚ୍ଛେଦ ୯.୩ (ସୂଚନା ପ୍ରସାରଣ) ରେ କୁହାଯାଇଛି ଯେ, ପ୍ରଭାବିତ ବ୍ୟକ୍ତିମାନଙ୍କର ନାମତାଲିକା ଏବଂ ପୁନଃସଂସ୍ଥାନ ଓ ପୁନର୍ବାସ ବ୍ୟବସ୍ଥାର ବିଶଦ୍ ବିବରଣୀ ସମେତ ବିସ୍ଥାପନ ଏବଂ ଥଇଥାନ ସମ୍ବନ୍ଧୀୟ ସମସ୍ତ ସୂଚନା ସର୍ବସାଧାରଣଙ୍କ ଗୋଚରାର୍ଥେ ଇଣ୍ଟରନେଟ୍‌ରେ ପ୍ରକାଶ ପାଇବ ତଥା ସଂପୃକ୍ତ ଗ୍ରାମସଭା ଏବଂ ପଞ୍ଚାୟତ ଇତ୍ୟାଦିଙ୍କୁ ଅବଗତ କରାଯିବ । ଏହି ଦାୟିତ୍ୱ ସଂପୃକ୍ତ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କର । ସୁତରାଂ ଏଣିକି ବିସ୍ଥାପନ ଓ ଥଇଥାନ ସମ୍ବନ୍ଧୀୟ ସୂଚନା ପାଇଁ ଜଣେ ବ୍ୟକ୍ତିଙ୍କୁ ସୂଚନା ଅଧିକାର ଆଇନ୍‌ର ସହାୟତା ନେବାକୁ ପଡିବନି । ଯଦି କୌଣସି ପ୍ରକଳ୍ପ କର୍ତ୍ତୃପକ୍ଷ ଏହି ଦାୟିତ୍ୱ ସଂପାଦନକୁ ଏଡାଇଯାଆନ୍ତି, ତେବେ ଏହି ନୀତିର ଅନୁଚ୍ଛେଦ ୮.୩ ରେ ଅଭିଯୋଗ ପ୍ରତିକାର ପାଇଁ ଯେଉଁ ନିରପେକ୍ଷ ବଚାର-ସଂସ୍ଥା (ଅମ୍ବୁଡ୍‌ସ୍‌ମ୍ୟାନ୍ ) ତଥା ଅନୁଚ୍ଛେଦ ୯.୫ରେ ବିସ୍ଥାପନ ବ୍ୟାପାରରେ ସାମଗ୍ରୀକ ତଦାରଖ ପାଇଁ ଜାତୀୟ ସ୍ତରରେ ଏକ ସର୍ବୋଚ୍ଚ ସଂସ୍ଥା ରୂପେ ଯେଉଁ ଜାତୀୟ ଥଇଥାନ କମିଶନ୍ ର ଅବତାରଣା କରାଯାଇଛି, ସେମାନଙ୍କ ନିକଟରେ ଅଭିଯୋଗ ଆଣିହେବ ।

## ନୂତନ ସୂଚନା ଅଧିକାରର ପ୍ରୟୋଗ ଜରୁରୀ

ଆମେ ଲକ୍ଷ୍ୟ କଲେ ଯେ, ଉପରୋକ୍ତ ପ୍ରତି ଆଇନ୍‌ରେ ସର୍ବସାଧାରଣଙ୍କୁ ସୂଚନା ପ୍ରଦାନ ପାଇଁ ସ୍ୱତନ୍ତ୍ର ପ୍ରାବ୍‌ଧାନମାନ ସ୍ଥାନିତ ହୋଇଛି, ଯେଉଁଥିପାଇଁ କି ସୂଚନା ଅଧିକାର ଆଇନ୍-୨୦୦୫ର କୌଣସି ଆବଶ୍ୟକତା ପଡିବନି । ପୁଣି ଆମେ ଜାଣନ୍ତି, ସୂଚନା ଅଧିକାର ଆଇନ୍ ଅଧୀନରେ କେହି ବ୍ୟକ୍ତି ଆବେଦନ କଲେ, ସଂପୃକ୍ତ ଜନସୂଚନା ଅଧିକାରୀ ତାହାକୁ ଧାରା ୮, ୯, ୧୦, ୧୧ ବା ୨୪ର ଆଳ ଦେଖାଇ ଖାରଜ କରିଦେଇ ପାରନ୍ତି, କିନ୍ତୁ ଉପରୋକ୍ତ ୫ଟି ଆଇନ୍ ଅଧୀନରେ ସଂପୃକ୍ତ କର୍ତ୍ତୃପକ୍ଷ ବିହିତ ସୂଚନାଗୁଡିକୁ ସଂଶ୍ଳିଷ୍ଟ ସର୍ବସାଧାରଣଙ୍କୁ ନିଜ ତରଫରୁ ଯୋଗାଇଦେବାକୁ ବାଧ୍ୟ । ଏହାଛଡା, ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନ୍ ଅଧୀନରେ ଆବେଦନ କରିବାକୁ ହେଲେ ତାଙ୍କୁ ଓଡିଶା ଭଳି ଏକ ରାଜ୍ୟରେ ନାଗରିକ ପରିଚୟର ପ୍ରମାଣପତ୍ର ସହିତ ୧୧ସ୍ତମ୍ଭ ବିଶିଷ୍ଟ ଏକ ଜଟିଳ ଫର୍ମ ପୂରଣ କରିବାକୁ ପଡିବ, ଆବେଦନ ଫିସ୍ ୧୦ଟଙ୍କା ତଥା ପୃଷ୍ଠା ପିଛା ୨ଟଙ୍କା ପଇଠ କରିବାକୁ ପଡିବ ଓ ସର୍ବୋପରି ସୂଚନା ପାଇବା ପାଇଁ ୩୦ଦିନ ଅପେକ୍ଷା କରିବାକୁ ପଡିପାରେ । ଅଥଚ ଅନ୍ୟ ୫ଟି ଆଇନ୍ ଅଧୀନରେ ସୂଚନା ମିଳିବା କ୍ଷେତ୍ରରେ ଏସବୁ ଝିନ୍‌ଝଟ୍ ନାହିଁ । କାରଣ ଏହି ଆଇନ୍‌ଗୁଡିକର ମୌଳିକ ଢାଞ୍ଚା ଭିତରେ ସୂଚନା ଅଧିକାର ଅଙ୍ଗାଙ୍ଗୀ ଭାବେ ନିହିତ ହୋଇରହିଛି ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, dt28.12.2007**